ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୨୮ ନଭେମ୍ବର,୨୦୧୮



## ସଂକ୍ଷେପରେ

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ




**ରୁପ୍‌ସା, ୨୭।୧୧(ଡି.ଏନ୍‌.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ସୋମବାର 'ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଟକର ମୁଣ୍ଡଳୀ ଥାର୍ଡ଼ ବାଟାଲିୟନ୍ ଏନ୍‌ଡ଼ିଆର୍‌ଏଫ୍ ଟିମ୍ ତରଫରୁ ଆୟୋଜିତ କର୍ମଶାଳାରେ ଅଧାପିକା, ଅଧାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିଗରେ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଭାରପ୍ରାପ୍ତ ଅଧକ୍ଷ ବସନ୍ତ କୁମାର ଭୋଇ ଏଥିରେ ପୌରୋହିତ୍ୟ କରିଥିଲେ। ଟିମ୍ କମାଣ୍ଡର ଆଇଆଇସି ବିଶ୍ୱନାଥ ଚୌଧୁରୀ, ସବ୍‌ଇନ୍ସପେକ୍ଟର ନକୁଳ ଚନ୍ଦ୍ର ମଣ୍ଡଳ, ମାଷ୍ଟରଟ୍ରେନର ଶିବ ନାରାୟଣ ଦାସମହାପାତ୍ର, ଆର୍‌.ପି. ଯାଦବ ଓ ସିକନ୍ଦର କୁମାର ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଥମିକ ଚିକିତ୍ସା, ସର୍ପଦଂଶନ, ବଜ୍ରପାତ ଓ ବନ୍ୟା, ବାତ୍ୟା ସୁରକ୍ଷା କୌଶଳ, ମହାବିଦ୍ୟାଳୟର ନିରାପତ୍ତାର ବିଭିନ୍ନ ଦିଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧାପକ ସୁଧୀର କୁମାର ଦତ୍ତ, ଉମରଜିତ୍ ମହାନ୍ତି ଓ ସୁବିର ତୁଙ୍ଗଙ୍କ ସମେତ ନିରଞ୍ଜନ ମହାଲିକ, ଜୟନ୍ତ ମଲ୍ଲିକ, ସୁବ୍ରତ ବେହେରା, ଜୟଦେବ ଅଣ୍ଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଓମସା ଭଦ୍ରକ ଶାଖାର ସମ୍ମିଳନୀ

**ଭଦ୍ରକ ଅଫିସ, ୨୭।୧୧:** ଭଦ୍ରକ ମୁଖ୍ୟ ଡାକ୍ତରଖାନା ପରିସରରେ (ଓମସା)ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ ଭଦ୍ରକ ଜିଲା ଶାଖାର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ସମ୍ମିଳନୀରେ ସମସ୍ତ କର୍ମୀ ଉପସ୍ଥିତ ରହିବା ପାଇଁ ସ୍ଥିର କରାଯାଇଥିଲା।। ସଭାର ସିଡିଏମଓ ଡା. ଅବଦୁଲ ରସିଦ, ଉପସଭାପତି ଡା. ସୁଧୀର ରଞ୍ଜନ ନାଏକ, ସମ୍ପାଦକ ଡା. ଶୈଳେଶ ଧଳ ପ୍ରମୁଖ ଉପସ୍ଥିତ ରହି ବୈଠକରେ ବିଭିନ୍ନ ଆଲୋଚନା କରିଥିଲେ।

# 'ମାନସ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ନେତା'

ଧାମନଗର,୨୭।୧୧(ଡି.ଏନ୍‌.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ପୂଜ୍ୟପୂଜା ସଂସଦ ପରିସରରେ ସଂସଦ ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କର ପ୍ରତିମୂର୍ତ୍ତି ମଙ୍ଗଳବାର ଲୋକାର୍ପଣ ହୋଇଯାଇଛି। ଧାମନଗର ସଚେତନ ନାଗରିକ ମଞ୍ଚ ତରଫରୁ ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋଷ୍ଠୀକନ୍ଦଳ ଭଳି ସମସ୍ୟାକୁ ନେଇ କେତେକାଂଶରେ ଛକାପଞ୍ଝା ସ୍ଥିତି ସୃଷ୍ଟି ହୋଇଥିଲା। ପୂଜ୍ୟପୂଜା ସଂସଦ ପରିସରରେ ଆୟୋଜିତ ସଭାରେ ବିଭିନ୍ନ ବକ୍ତା ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଧାମନଗର ଅଞ୍ଚଳର ବିକାଶ ମାନସଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି କହିଥିଲେ। ସେ ଥିଲେ ବାସ୍ତବରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା। କୌଣସି ସୀମା ସରହଦ ତାଙ୍କ ପ୍ରତିଭାକୁ ବାନ୍ଧି ରଖିପାରି ନ ଥିଲା ବୋଲି ଅତିଥିମାନେ କହିଥିଲେ। ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ନିରାକାର ଜେନା, ସଂସଦ ସଭାପତି ବାବାଜୀ ପଣ୍ଡା, ଆଡଭୋକେଟ ଦିବ୍ୟ ସିଂହ ନାୟକ ପ୍ରମୁଖ ଉତ୍ସବରେ ବକ୍ତା ଓ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ ତଥା ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଚର୍ଚ୍ଚାରେ ରହିଥିଲା। ଅଶୋକଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ସମର୍ଥକ ଶୋଭା ଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ସଭାରେ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଶୋକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଓ ବକ୍ତା ମାନେ ସ୍ମୃତି ଚାରଣ କରିବା ଅବସରରେ ଜଣେ ସ୍ଥାନୀୟ ପ୍ରତିନିଧିଙ୍କ ବିରୋଧରେ ବକ୍ତବ୍ୟ ରଖିବାରୁ ବିଜେଡିର ଗୋଷ୍ଠୀକନ୍ଦଳ ବାରି ହୋଇପଡ଼ିଥିଲା। ଏପରିକି ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀରେ ପୁରୁଖା ବିଜେଡି କର୍ମୀଙ୍କୁ ଅଣଦେଖା କରାଗଲେ ଏହା ମହଙ୍ଗା ପଡିବ ବୋଲି କୁହାଯାଇଥିଲା। ତେବେ ବ୍ଲକ ବିଜେଡି ତରଫରୁ ମାନସ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ସମର୍ଥନ କରାଯାଇ ଏକ ବିରାଟ ଶୋଭାଯାତ୍ରା ବାହାର କରାଯାଇଥିଲା।ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢୀ, ନାରାୟଣ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ମଲ୍ଲିକ, ବିନୋଦ ନାୟକ, ପ୍ରତାପ ସାମଲ, ଦୟାନିଧି ମିଶ୍ର ପ୍ରମୁଖ ଏଥିରେ ସାମିଲ ହୋଇ ମେଡିକାଲ ଛକ ନିକଟରୁ ବାହାରି ପ୍ରତିମୂର୍ତ୍ତିସ୍ଥଳରେ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ସେହିପରି ଧୂଷୁରୀ ଅଞ୍ଚଳର ବହୁ ବରିଷ୍ଠ ଶିକ୍ଷାବିତ ଓ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ମାନସ ସେନା, ହୃଦାନନ୍ଦ ବିଚାର ମଞ୍ଚ ପରି ସଙ୍ଗଠନର କର୍ମକର୍ତ୍ତା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ମାନସ ମଲ୍ଲିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

**ଛକା ପଞ୍ଝାରେ ହେଲା ପ୍ରତିମୂର୍ତ୍ତି ଉନ୍ମୋଚନ**

# ଗଡ଼ିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସଚେତନତା ରଥ

ବାଲେଶ୍ୱର ଅଫିସ,୨୭।୧୧

ବାଲେଶ୍ୱର ଜିଲା କିଲଟରୀ ପରିସରରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସଚେତନତା ରଥର ମଙ୍ଗଳବାର ଶୁଭାରମ୍ଭ ହୋଇଛି । ଜିଲାପାଳ ରମେଶ ଚନ୍ଦ୍ର ରାଉତ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହାର ପ୍ରଚାର ଉଦ୍ଦେଶ୍ୟରେ ପ୍ରସ୍ତୁତ ଏକ ଭିଡିଓ଼ର ଫିତାକାଟି ଉନ୍ମୋଚନ କରିଥିଲେ।

ଏହି ରଥ ଜିଲାର ସମସ୍ତ ୩୬୦ ଗୋଟି ପଞ୍ଚାୟତ ମୁଖ୍ୟାଳୟରେ ପହଞ୍ଚି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କୁ ନେଇ ସେଠାରେ ସଚେତନତାଧର୍ମୀ ପାଲା, ଦାସକାଠିଆ କରାଯିବା ସହ ସ୍ୱାସ୍ଥ୍ୟକର୍ମୀ, ଅନ୍ୟାନ୍ୟ ଜନପ୍ରତିନିଧି ଓ ଅଧିକାରୀମାନଙ୍କୁ ନେଇ ଆଲୋଚନାଚକ୍ର ଆୟୋଜନ କରାଯିବ। ଏନେଇ ରୋଡ଼ ମ୍ୟାପ୍ ସହ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିନିମନ୍ତେ ଜିଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ବ୍ଲକ କଳାକାର ସାଂସ୍କୃତିକ ସଂଘଗୁଡ଼ିକର ତାଲିକା ପ୍ରଦାନ କରି କିଏ କେଉଁ ଗ୍ରାମ ପଞ୍ଚାୟତରେ କେଉଁ ତାରିଖରେ ସଚେତନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ତାହା ନିର୍ଦ୍ଧାରଣ କରାଯାଇଛି। ୩ ମାସ ଧରି ନିରନ୍ତର ଭାବେ ସାରା ଜିଲାରେ ଭ୍ରମଣ କରିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ କର୍ମଚାରୀ ମୁତୟନ କରାଯାଇଛି । ରଥ କାର୍ଯ୍ୟକ୍ରମ ସମ୍ପର୍କରେ ଆଗୁଆ ଭାବେ ଯେପରି ଲୋକ ଜାଣିପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଏପରି କି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିବରଣୀ ପ୍ରଦାନ ନିମନ୍ତେ ସମସ୍ତ ବିଡିଓଙ୍କୁ ଅବଗତ କରାଯାଇଛି। ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଳ ସିଂ, ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ, ଡିପିଏମ୍ ପ୍ରଭୁ ପ୍ରତ୍ୟନ୍ତ ପତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଓ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରମଣୀକାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସଚେତନତା ରଥର ଜିଲାପାଳ ରମେଶ ଚନ୍ଦ୍ର ରାଉତ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ସୂଚନା ଦେବ ୧୫ ଟାୱାର

ଭଦ୍ରକ ଅଫିସ, ୨୭।୧୧

ଭଦ୍ରକ ଜିଲାରେ ନିର୍ମାଣାଧୀନ ଥିବା ୧୫ଟି ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ସୂଚନା ଟାୱାର ମଙ୍ଗଳବାର କାର୍ଯ୍ୟକ୍ଷମ ହୋଇଛି। ଏଥିପାଇଁ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଜିଲା ଜରୁରୀ କାଳୀନ ଅଧିକାରୀ ଜୟଶ୍ରୀ ସେନାପତି, ରାଜ୍ୟ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ସାମଲ କୁମାର ଦାସ, ବାସୁଦେବପୁର ବିଡିଓ ବିରନାରାୟଣ ପାଣିଗ୍ରାହୀ, ଚାନ୍ଦବାଲି ବିଡିଓ ଅଜମ୍ବର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ଟାୱାର କାର୍ଯ୍ୟକାରିତା ତଥା ବୈଷୟିକ ଦିଗ ପ୍ରତି ଆଲୋଚନା କରିଥିଲେ। ସ୍ୱତନ୍ତ୍ର ରିଲିଫ କମିଶନ ବିଭାଗ ଦ୍ୱାରା ଜିଲାର ସମୁଦ୍ର କୂଳିଆ ଦୁଇଟି ବ୍ଲକରେ ୧୫ଟି ସ୍ଥାନରେ ସ୍ଥାପନ କରାଯାଇଥିବା (ଇଡବ୍ଲୁଡିଏସ ଟାୱାର) ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ସୂଚନା ଟାୱାର ଗୁଡିକ ସୁନାମୀ ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ୪ଘଣ୍ଟା ପୂର୍ବରୁ ସୂଚନା ଦେବ। ଏହି ସତର୍କ ସୂଚନା ପାଇବା ପରେ ଲୋକମାନେ ଅଧିକ ସତର୍କ ହେବେ ତଥା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇପାରିବ ବୋଲି କୁହାଯାଇଛି। ଏହି ଟାୱାର ଗୁଡିକ କାନ୍ତିପୁର, ଜାମିନିକାନ୍ତପୁର, କଷିଆ, ବଡହାବେଳୀସାହି, ମୋହନପୁର, ଚୂଡ଼ାମଣି, କରଣପଲ୍ଲୀ, କମାରିଆ, ଧାନକୁଟା, କରଞ୍ଜମାଳ, ଗୌରପ୍ରସାଦ, କନକ ପ୍ରସାଦ, ଚାନ୍ଦିନୀପାଳ, ବାଲିସାହି, ଦୋସିଙ୍ଗା ଓ ଧୂଷୁରୀରେ ରିପିଟର ଷ୍ଟେଶନ ତଥା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହୋଇଥିବା ଜଣାପଡିଛି।




ଉପସ୍ଥିତ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ଓ ଜିଲାପାଳ।

## ସମୂହ ପାଇଖାନା ନିର୍ମାଣ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

ଭଦ୍ରକ ଅଫିସ,୨୭।୧୧

ଭଦ୍ରକ ପୌରପାଳିକା ଅଧୀନ ଚନ୍ଦନବଜାରରେ ସରକାର ସ୍ତରରେ ବସ୍ତି ନିକଟରେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ସମୂହ ପାଇଖାନା ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ଅଞ୍ଚଳର ସ୍ଥାୟୀ ଅଧିବାସୀ ମାନେ ଏହାକୁ ବିରୋଧ କରି ଜିଲାପାଳଙ୍କୁ ଭେଟି ତୁରନ୍ତ ନିର୍ମାଣାଧୀନ ପାଇଖାନା କାର୍ଯ୍ୟ ବନ୍ଦ କରିବା ପାଇଁ ଜିଲାପାଳଙ୍କୁ ଭେଟିଛନ୍ତି। ନିକଟରେ ଏକ ନଳକୂଅ ରହିଥିବାରୁ ସେହି ସ୍ଥାନରେ ପାଇଖାନା ନିର୍ମାଣକୁ ବିରୋଧ କରାଯାଉଛି। ଏହି ନଳକୂଅ ଉପରେ ବସ୍ତୀର ଲୋକମାନେ ନିର୍ଭର କରୁଥିବା ବେଳେ ସେଠାରେ ପାଇଖାନା ନିର୍ମାଣ କଲେ ନିକଟସ୍ଥ ନଳକୂଅ ପାଣି ଖରାପ ହେବାର ସମ୍ଭାବନା ରହିଛି। ଉକ୍ତ ସ୍ଥାନରେ ପାଇଖାନା ନିର୍ମାଣକୁ ତୁରନ୍ତ ବନ୍ଦ କରିବା ପାଇଁ ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କ ନିକଟରେ ଦାବି କରାଯାଇଛି।

OFFICE OF THE PRINCIPAL
**S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI**
L. No.: 2528/2018 Dt.: 26.11.2018
**QUOTATION CALL NOTICE**
Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.
Detail information including term and conditions for applying are available in the College website: **skcgparala.ac.in**. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.
Sd./- Principal

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪
**ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ**
୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର
ଉଦ୍‌ଘାଟକ — ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ, ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ'
ସମ୍ମାନନୀୟ ଅତିଥି — ଡକ୍ଟର ବିଜୟାନନ୍ଦ ସିଂହ, କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ମୁଖ୍ୟବକ୍ତା — ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ସାହିତ୍ୟିକ
ସଭାମୁଖ୍ୟ — ଶ୍ରୀ ହରିହର ମିଶ୍ର, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।
ଜୟନ୍ତୀ ରଥ
ସଚିବ

# ଶିଶୁଙ୍କ କବିତା, ସ୍ୟାଣ୍ଡ ଆନିମେଶନର ଯୁଗଳବନ୍ଦୀ

ରେମୁଣା,୨୭।୧୧(ଡି.ଏନ୍‌.ଏ.)

ଫେସବୁକ କବିତା ଆସରର କବିତା ପାଠୋତ୍ସବ ମାଧ୍ୟମରେ ବହୁ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବା ସହ କବିତାକୁ ସମୃଦ୍ଧ କରିବା ପାଇଁ ଅଭିନବ ପଦକ୍ଷେପ ସବୁ ଗ୍ରହଣ କରାଯାଉଛି। ଏହା ସମୟୋପଯୋଗୀ ହୋଇଥିବାରୁ ଦିନକୁ ଦିନ ଶ୍ରୋତାଙ୍କ ସଂଖ୍ୟା ବଢୁଛି ବୋଲି ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ମାଳାକାର ଫେସବୁକ କବିତା ଆସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ । ବାଲେଶ୍ୱର ଜିଲା ରେମୁଣା ବାମପଦାସ୍ଥ ନୋସି ଉତ୍କଳାଠାରେ ନୋସି କଲଚରାଲ ଏକାଡ଼େମୀ ଓ ଧୂଳ କେ ଫୁଲ୍‌ର ମିଳିତ ସହଯୋଗରେ ଆୟୋଜିତ ଶିଶୁମାନଙ୍କ କବିତା ଓ ସ୍ୟାଣ୍ଡ ଅନିମେଶନର ଯୁଗଳବନ୍ଦୀ ଆସରରେ ଅନ୍ୟତମ ସହଯୋଗୀ 'ଧୂଳ କେ ଫୁଲ'ର ମୁଖ୍ୟ ଗୋବିନ୍ଦ ବଲ୍ଲଭ ଦଳାଇ ନୋସିର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ବସ୍ତି ଅଞ୍ଚଳର ଚିତ୍ର ତାରକାମାନଙ୍କୁ ଲୋକଲୋଚନକୁ ଆଣିବାର ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ।

ଶିଳ୍ପୀ କେଶୁଦାସ ଅତିଥିଙ୍କ ଆହ୍ୱାନ, ପରିଚୟ ପ୍ରଦାନ ଓ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାରେ ପ୍ରଥମଥର ପାଇଁ ଶିଶୁ କବିମାନେ ସ୍ୱରଚିତ କବିତା ପାଠ କରୁଥିବା ବେଳେ ସେହି କବିତାକୁ ଆଧାର କରି ଧୂଳ କେ ଫୁଲର ଶିଶୁଚିତ୍ର ତାରକାମାନେ ସ୍ୟାଣ୍ଡ ଆନିମେଶନର ଯୁଗଳବନ୍ଦୀ ଆୟୋଜନ କରିଥିଲେ। ଶିଶୁକବି ଭାବେ ଦୁବଲାଗଡ଼ି ହାଇସ୍କୁଲର ଇତିଶ୍ରୀ ଷଡଙ୍ଗୀ, ରତ୍ନାକର ଟାଉନ ହାଇସ୍କୁଲର ଜ୍ୟୋତିଶଙ୍କର ପଣ୍ଡା, ହେରିଟେଜ୍ ପବ୍ଲିକ ସ୍କୁଲର ସୁଜାତା ମଲ୍ଲିକ, ରାଜୀବ ଜେନା ଓ ମଧୁମିତା ବାରିକ୍ ଯୋଗଦେଇ ଥିଲେ। ଧୂଳ କେ ଫୁଲର ଶିଶୁଚିତ୍ର ତାରକା ହରପ୍ରିୟା ଜେନା, ଲିପ୍‌ସା ରାଜନନ୍ଦିନୀ, ସୁଭଦ୍ରା ମୁର୍ମୁ, ଆଶୁତୋଷ ପାତ୍ର, ଉପାସନା ରାଉତରାୟ, ଦେବୀଶ୍ରୀ ହୋତା, ପ୍ରୀତମ୍ ଲେଙ୍କା, ପ୍ରିୟଙ୍କା ବେହେରା, ପପୁ ମୁଖୀ, ଉନେଶା ମଲ୍ଲିକ, ବିଷ୍ଣୁପ୍ରିୟା ସ୍ୱାଇଁ ଓ ଭଗତୋଷ ଅଙ୍କିତ ଦାସ ପ୍ରମୁଖ ସ୍ୟାଣ୍ଡ ଆନିମେଶନରେ ଯୋଗ ଦେଇଥିଲେ। ମଡ଼ର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ର ଶିଶୁ ତବଲା ବାଦକ ପ୍ରୟାସ କମିଳା ତ୍ରିତାଳ ତାଳରେ ତବଲା ବଜାଇ ମନ୍ତ୍ରମୁଗ୍ଧ କରିଥିଲେ। ଶିଶୁମାନଙ୍କ ପାଇଁ କବି ପ୍ରବୀର କମିଳା, ମଧୁସୂଦନ ମାଝି, ଝରଣା ମଲ୍ଲିକ, ପ୍ରଭାକର ସାହୁ, ଗଗନ ସେଠୀ, ଦମୋଦର ଦାସାଧିକାର, ବିମଳା ରଥ ପ୍ରମୁଖ ଶିଶୁ କବିତା ପାଠ କରିଥିଲେ। ଶିଶୁ ପ୍ରତିଭାଧାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ସ୍ୟାଣ୍ଡ ଆନିମେଶନକୁ ଚିତ୍ରଶିଳ୍ପୀ ଅରୁଣ ବାରିକ ପରିଚାଳନା କରିଥିଲେ। କବି ରଣଜିତ୍ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ କୁନି କୁନି ଛାତ୍ରୀଛାତ୍ର।




# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ଭଦ୍ରକ ଅଫିସ,୨୭।୧୧

ଭଦ୍ରକ ଜିଲା ବରପଦା ଇଞ୍ଜିନିୟରିଂ କଲେଜ ସମସ୍ୟାର ସମାଧାନ ସାଙ୍ଗକୁ ଏହାକୁ ସରକାରୀକରଣ ଆଗାମୀ ୧୫ ଦିନ ମଧ୍ୟରେ କରା ନ ଗଲେ କର୍ମଚାରୀମାନେ ଆନ୍ଦୋଳନ କରିବେ ବୋଲି ଅନୁଷ୍ଠାନର କର୍ମଚାରୀ ତଥା ଗଣତାନ୍ତ୍ରିକ ନାଗରିକ ମଞ୍ଚ ଏଠାରେ ଚେତାବନୀ ଦେଇଛି। ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ନିରାକାର ଜେନା, ପରିଷଦର ସଭ୍ୟ ତଥା ଆଡଭୋକେଟ ଦିବ୍ୟସିଂହ ନାୟକ, ଆଡ୍‌ଭୋକେଟ ଗିରିଧାରୀ ନାଥ, କର୍ମଚାରୀ ବିଜୟ କୁମାର ରାଉତ, ଯତୀନ୍ଦ୍ର ଘଡାଇ ଏବଂ ବହୁ କର୍ମଚାରୀ ଉପସ୍ଥିତ ରହି କଲେଜ ସମସ୍ୟା ଉପସ୍ଥାପନ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ପରିଚାଳନା କମିଟି ଦାୟିତ୍ୱରେ ଥିବା ଜଣେ ରାଜନେତା ଓ ତାଙ୍କ ପୁଅ ବହୁଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲେ ବି କୌଣସି ପ୍ରତିକାର ହେଉ ନାହିଁ । ୨୦୧୫ରେ କଲେଜ ପରିସରରେ ବୋମାମାଡ଼, ଭଦ୍ରକ ବନ୍ଦ, ରାସ୍ତାରୋକୋ ଭଳି ଆନ୍ଦୋଳନ କରାଯାଇ ଭୁବନେଶ୍ୱରରେ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାର ତା୧୮।୮।୨୦୧୫ରିଖରେ ଏକ ୩ ଜଣିଆ ମଧ୍ୟବର୍ତ୍ତିକାଳୀନ ପରିଚାଳନା କମିଟି ଗଠନ କରି ଜିଲାପାଳଙ୍କୁ କମିଟିର ଚେୟାରମ୍ୟାନ ଭାବେ ଦାୟିତ୍ୱ ଦେଇଥିଲେ । ସେହିଦିନ ଠାରୁ ଉକ୍ତ କମିଟି ପରିଚାଳନା କାର୍ଯ୍ୟ କରିଆସୁଛି। କିନ୍ତୁ ଦୁର୍ନୀତି ଅଭିଯୋଗର ତଦନ୍ତ କରାଯାଉନାହିଁ କିମ୍ବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦାବିକୁ ଅଣଦେଖା କରାଯାଉଛି। ଏଭଳି କାରଣରୁ ଭବିଷ୍ୟତରେ ଏହି ଅନୁଷ୍ଠାନ ଏଆଇସିଟିଇରୁ ଅନୁମୋଦନ ପାଇବାରୁ ବଞ୍ଚିତ ହୋଇ ପାରେ ବୋଲି ଆଶଙ୍କା ଦେଖା ଦେଇଛି । ରାଜ୍ୟ ସରକାର ଏହି କଲେଜକୁ ହାତକୁ ନେଇ ପୂର୍ବ ଦୁର୍ନୀତି ଅଭିଯୋଗର ତଦନ୍ତ କରିବା ଏବଂ ସ୍ଥାୟୀ ପରିଚାଳନା କମିଟି ଗଠନ କରିବାକୁ କର୍ମଚାରୀ ତଥା ଗଣତାନ୍ତ୍ରିକ ନାଗରିକ ମଞ୍ଚ ଦାବି କରିଛି।






# ସିମୁଳିଆରେ ମିନି ମାରାଥନ୍




ବିଶ୍ୱକପ୍ ହକି ଅବସରରେ ଆୟୋଜିତ ମିନି ମାରାଥନ୍‌ରେ ସାମିଲ ହୋଇଥିବା ପ୍ରତିଯୋଗୀ।

**ସିମୁଳିଆ, ୨୭।୧୧(ଡି.ଏନ.ଏ.)**

ବିଶ୍ୱକପ୍ ହକିକୁ ସ୍ୱାଗତ ଜଣାଇ ମଙ୍ଗଳବାର ସିମୁଳିଆ ବ୍ଲକ ମାର୍କୋଣା ଗ୍ରାମପଞ୍ଚାୟତ ବିଜୁ ଯୁବ ବାହିନୀ ଓ ମାର୍କୋଣା ଆଥଲେଟିକ୍ ଆସୋସିଏଶନ୍ ଦ୍ୱାରା ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ରଘୁନାରାୟଣ ଉଚ୍ଚବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ମିନିଷ୍ଟାଡ଼ିୟମ୍‌ରୁ ମିନି ମାରାଥନ୍ ଆରମ୍ଭ ହୋଇ ମାର୍କୋଣା ଛକ ଓ ଷ୍ଟେଶନବଜାର ପରିକ୍ରମା କରି ବିଜୁ ପଟ୍ଟନାୟକ ମିନିଷ୍ଟାଡ଼ିୟମ୍‌ରେ ପହଞ୍ଚିଥିଲା। ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ରମାକାନ୍ତ ପଣ୍ଡା, ବିଜୁ ଯୁବବାହିନୀ ସଭାପତି ଗଦାଧର ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ଅଶେଷ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବେହେରା, ସିମୁଳିଆ ମହାବିଦ୍ୟାଳୟ କ୍ରୀଡ଼ା ଅଧ୍ୟାପକ ବାଇଧର ମହାକୁଡ଼ ଓ ରଘୁନାରାୟଣ ଉଚ୍ଚବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥ ପରିଚାଳନା ଦାୟିତ୍ୱରେ ଥିଲେ। ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା।

## ରାଜପଥରେ ଯାନବାହନ ଯାଞ୍ଚ

**ରୂପ୍‌ସା, ୨୭।୧୧(ଡି.ଏନ.ଏ.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଆଗମୌଦା ଛକଠାରେ ରୂପ୍‌ସା ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ଯାନବାହାନ ଯାଞ୍ଚ କରାଯାଇଛି। ବାଇକ୍ ଆରୋହୀଙ୍କ ହେଲମେଟ୍ ପିନ୍ଧିବା ପ୍ରତି ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଥିଲା। ହେଲମେଟ୍ ପିନ୍ଧି ନ ଥିବା ୧୬ ଜଣ ବାଇକ୍ ଆରୋହୀଙ୍କଠାରୁ ୧୬ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଲୋକଙ୍କୁ ନେଇ ଯାତାୟାତ କରୁଥିବା ଏକ ପିକଅପ୍ ଭ୍ୟାନ୍ ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ୍ କରାଯାଇଛି। ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ନିର୍ଦ୍ଦେଶକ୍ରମେ ଓଆଇସି ସୁଚନ୍ଦ୍ର ମହାଳିକ, ଏଏସ୍‌ଆଇ ହେମନ୍ତ କୁମାର ପାତ୍ର ପ୍ରମୁଖ ସଦଳବଳେ ରାଜପଥରେ ତନଖି କରି ଆଇନ୍ ଉଲ୍ଲଂଘନକାରୀ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

## ହକି ଉଦ୍‌ଘାଟନୀ ଉତ୍ସବ ଦେଖିବାକୁ ଭିଡ଼

**ବାହାନଗା, ୨୭।୧୧ (ଡି.ଏନ.ଏ.)**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପର ଉଦଘାଟନୀ ଉତ୍ସବକୁ ବାହାନଗା ବ୍ଲକର ଗୋପାଳପୁର ଓ ଜୁଣିଆ ବଜାରରେ ଲୋକମାନେ ଏଲିଡି ଦ୍ୱାରା ସିଧାପ୍ରସାରଣକୁ ଦେଖିବାରେ ସୁଯୋଗ ପାଇଛନ୍ତି। ଏହି ସିଧାପ୍ରସାରଣ ଦେଖିବା ପାଇଁ ଲାଗିଥବା ଏଲିଡିକୁ ଉଦଘାଟନ କରିଥିଲେ ବାହାନଗା ବିଜେଡି ନେତା ଅଶ୍ୱନୀ ମହାପାତ୍ର ଓ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି। ଦୁଇ ବଜାରରେ ହଜାର ହଜାର ଲୋକେ ପୁରୁଷ ହକି ବିଶ୍ୱକପ୍‌ର ଉଦଘାଟନୀ ରଙ୍ଗାରଙ୍ଗ ଉତ୍ସବକୁ ଦେଖିବାର ସୁଯୋଗ ପାଇଛନ୍ତି। ଏହି ଅବସରରେ ପଦ୍ମଲୋଚନ ସାହୁ, ସୁକାନ୍ତ ବିନ୍ଧାଣି, କୈଳାସ ଦାସ, କୌଶର ଖାନ୍, ଯୋଗେଶ ଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟଦାନ ଲାଗି ଭିନ୍ନକ୍ଷମଙ୍କୁ ଦିଆଯିବ ସ୍ୱତନ୍ତ୍ର ତାଲିମ

**ବାଲେଶ୍ୱର ଅଫିସ, ୨୭।୧୧**

**ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଲାଗି ପ୍ରସ୍ତୁତି**

ଆସନ୍ତା ଡିସେମ୍ବର ୩ତାରିଖରେ ପାଳିତ ହେବ ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ । ଏନେଇ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ପ୍ରକାରେ ସମସ୍ତ ସାବାଳକ ଭିନ୍ନକ୍ଷମଙ୍କ ନିମନ୍ତେ ଭୋଟଦାନ ଅଧିକାର ସାବ୍ୟସ୍ତ କରିବାକୁ ସବୁପ୍ରକାର ସୁଯୋଗ ସୃଷ୍ଟି କରାଯିବ। ଏଥିସହିତ ପ୍ରତିବର୍ଷ ଭଳି ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯିବ। ସ୍ଥାନୀୟ ପବ୍ଲିକ ହାଇସ୍କୁଲ ପରିସରରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲାର ୭ଗୋଟି ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେବେ। ଏହାସହ ବ୍ଲକସ୍ତରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଲିମ ପ୍ରଦାନ କରାଯିବ। ଜିଲାପାଳ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ନେବା ଆଣିବା, ଖାଦ୍ୟପେୟ, ପ୍ରତିଯୋଗିତାରେ ଅଂଶଗ୍ରହଣ ଭଳି କାର୍ଯ୍ୟକ୍ରମ ଯେପରି ସୁଚାରୁ ରୂପେ ସଞ୍ଚାଳନ ହୋଇପାରିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂ, ସମସ୍ତ ବିଡ଼ିଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ପ୍ରତିନିଧିଗଣ, ନେହେରୁ ଯୁବ କେନ୍ଦ୍ରର ସଂଯୋଜିକା ପ୍ରମୁଖ ଯୋଗ ଦେଇଥିଲେ।

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଜଳମଣ୍ଡୁଆ ସେବା ସମବାୟ ସମିତିର ସମସ୍ତ ଚାଷୀ ଓ ଶୁଭେଚ୍ଛୁମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ।
ବିଜୟ କୁମାର ଖିଲାର
ସଭାପତି ଜଳମଣ୍ଡୁଆ ସେବା ସମବାୟ ସଭାପତି
ବାରିକପୁର, ଭଣ୍ଡାରିପୋଖରୀ, ଭଦ୍ରକ

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଉତ୍ସବ ପରିପ୍ରେକ୍ଷୀରେ ଷୋଳମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିବାରବର୍ଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଷୋଳମପୁର
ଭଣ୍ଡାରିପୋଖରୀ, ଭଦ୍ରକ

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ୪୫ତମ ବାର୍ଷିକ ଉତ୍ସବ ଅବସରରେ ଜଳମଣ୍ଡୁଆ ସେବା ସମବାୟ ସମିତିର ସମସ୍ତ ଚାଷୀ, ଋଣଗ୍ରହୀତାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମା' ତାରିଣୀ ସମସ୍ତଙ୍କ ମଙ୍ଗଳ କରନ୍ତୁ।
ଜୟନ୍ତ କୁମାର ଭୋଇ
ସମ୍ପାଦକ ଜଳମଣ୍ଡୁଆ ସେବା ସମବାୟ ସମିତି
ବାରିକପୁର, ଭଣ୍ଡାରିପୋଖରୀ, ଭଦ୍ରକ

ସର୍ବାଧିକ ଲୋକପ୍ରିୟତା ହାସଲ କରିଥିବା ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠିକା ପାଠକ, ଶୁଭେଚ୍ଛୁ ନପଙ୍ଗ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ପ୍ରଣିତକାନ୍ତ ସାମଲ
ଜିଲ୍ଲା ଯୁବ ବିଜେଡି ଉପସଭାପତି, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଣୟ କୁମାର ଜେନା
ତହସିଲଦାର
ଭଣ୍ଡାରିପୋଖରୀ, ଭଦ୍ରକ

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ ମାଳଦା ଗ୍ରାମପଞ୍ଚାୟତର ଜନସାଧାରଣ ଓ ସମସ୍ତ ଭୋଟର ଭଉଣୀ ଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।
ମୋହନ କୁମାର ରାୟ
ସମିତି ସଭ୍ୟ
ମାଳଦା ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ

'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଜଳମଣ୍ଡୁଆ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଜଗବନ୍ଧୁ ଦାସ
ସରପଞ୍ଚ, ଜଳମଣ୍ଡୁଆ ଗ୍ରାମପଞ୍ଚାୟତ
ଭଣ୍ଡାରିପୋଖରୀ, ଭଦ୍ରକ

'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ମାଳଦା ସେବା ସମବାୟ ସମିତିର ସମସ୍ତ ସଭ୍ୟାସଭ୍ୟ ଓ ଚାଷୀଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭୁ ଜଗନ୍ନାଥ ସମସ୍ତଙ୍କ ଚଲାପଥ କୁସୁମିତ କରନ୍ତୁ।
ଅରବିନ୍ଦ ନାୟକ
ମାଳଦା ସେବା ସମବାୟ ସମିତି ସଭାପତି
ମାଳଦା, ଭଣ୍ଡାରିପୋଖରୀ

ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ବ୍ଲକ୍‌ର ପାଠକ, ପାଠିକା ଓ ବନ୍ଦାଳୋମଡ଼ିଆଳୀ ଗ୍ରାମପଞ୍ଚାୟତର ଜନସାଧାରଣ ଓ ଶୁଭେଚ୍ଛୁମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଦୀପ କୁମାର ଜେନା
ସମିତି ସଭ୍ୟ
ବନ୍ଦାଳୋମଡ଼ିଆଳୀ ଗ୍ରାମପଞ୍ଚାୟତ
ଭଣ୍ଡାରିପୋଖରୀ, ଭଦ୍ରକ

'ଧରିତ୍ରୀ' ଖବରକାଗଜର ୪୫ତମ ବାର୍ଷିକ ଉତ୍ସବ ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଓ ମାଳଦା ପଞ୍ଚାୟତର ସମସ୍ତ ସଚେତନ ନାଗରିକ ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ।
ଉତ୍କଳ କେଶରୀ ମହାନ୍ତି
ଭଦ୍ରକ ଜିଲ୍ଲା ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ
ତଥା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ
ସୋସିଆଲ ମିଡ଼ିଆ କୋଅର୍ଡିନେଟର, ଭଣ୍ଡାରିପୋଖରୀ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବନ୍ଦାଳୋମଡ଼ିଆଳୀ ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ ଓ ଭୋଟର ଭାଇଭଉଣୀ ଓ ବୁଦ୍ଧିଜୀବୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀମତୀ ପ୍ରମିଳା ସାହୁ
ସରପଞ୍ଚ, ବନ୍ଦାଳୋମଡ଼ିଆଳୀ ଗ୍ରାମପଞ୍ଚାୟତ
ଭଣ୍ଡାରିପୋଖରୀ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ମାଳଦା ପଞ୍ଚାୟତର ଶୁଭେଚ୍ଛୁ, ପାଠକ ପାଠିକା, ସଚେତନ ନାଗରିକ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀମତୀ ରିତାଞ୍ଜଳୀ ସାମଲ
ସରପଞ୍ଚ
ମାଳଦା ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ, ଭଦ୍ରକ

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶିବଶକ୍ତି ଅଟୋମୋବାଇଲସ୍ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
Hero
SHIVASHAKTI AUTO MOBILES
ଶିବଶକ୍ତି ଅଟୋ ମୋବାଇଲ୍‌ସ
ଧାମନଗର, ଭଦ୍ରକ
ପ୍ରୋ: ଲକ୍ଷ୍ମଣ କର

ପ୍ରଗତିପଥେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି
ଧରିତ୍ରୀ ଖବରକାଗଜର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ତେସିଙ୍ଗା ପଞ୍ଚାୟତ ଓ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ସମସ୍ତ ସଭ୍ୟାସଭ୍ୟ, ବୁଦ୍ଧିଜୀବୀ, ଜନସାଧାରଣ ଓ ଭୋଟରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀମତୀ ମଞ୍ଜୁଶ୍ରୀ ବେହେରା
ପଞ୍ଚାୟତ ସମିତି ଅଧ୍ୟକ୍ଷା
ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି
ଭଣ୍ଡାରିପୋଖରୀ, ଭଦ୍ରକ

ଆଦର୍ଶ ଓ ନୈତିକ ଶିକ୍ଷାର ମନ୍ଦିର
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
କୁରିଗାଁ, ଭଣ୍ଡାରିପୋଖରୀ
ସଭାନେତ୍ରୀ: ମନୋରମା ମହାପାତ୍ର, କୁରିଗାଁ, ଭଣ୍ଡାରିପୋଖରୀ, ଭଦ୍ରକ

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ଅଞ୍ଚଳର ଅଗଣିତ ପାଠକ ପାଠିକା ଓ ପୃଷ୍ଠପୋଷକଙ୍କୁ ଶୁଭେଚ୍ଛା ଜଣାଉଛି।
ଆଦର୍ଶ ଓ ନୈତିକ ଶିକ୍ଷାର ମନ୍ଦିର
ଶାରଦା ବିଦ୍ୟାମନ୍ଦିର
ଭଣ୍ଡାରିପୋଖରୀ, ଭଦ୍ରକ

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ ନେରଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ବଦ୍ରିନାରାୟଣ ରାଉତ
ସରପଞ୍ଚ
ନେରଡ଼ା ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ, ଭଦ୍ରକ

ବୃକ୍ଷ ହିଁ ଜୀବନ, ଆସନ୍ତୁ ମିଳିମିଶି ଗଛ ଲଗାଇବା। ପରିବେଶ ମୁକ୍ତ କରିବା।
ନିରପେକ୍ଷ ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ରେଞ୍ଜର ସମସ୍ତ ବନ୍ଧୁମାନଙ୍କୁ ଶୁଭେଚ୍ଛା।
ସମୀର କୁମାର ରାଉତ, ରେଞ୍ଜ ଅଫିସର, ଧାମନଗର

ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ସେବା ସମବାୟ ସମିତି ଅଞ୍ଚଳବାସୀଙ୍କୁ 'ଧରିତ୍ରୀ' ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭୁ ଜଗନ୍ନାଥ ସମସ୍ତଙ୍କ ଚଲାପଥକୁ ମଙ୍ଗଳ କରନ୍ତୁ।
ଦେବେନ୍ଦ୍ରନାଥ ଧଳ
ସରସଦା ସେବା ସମବାୟ ସମିତି ସଭାପତି
ସରସଦା, ଭଣ୍ଡାରିପୋଖରୀ, ଭଦ୍ରକ

ଅଗ୍ରଣୀ ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ତଥା ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣ ଓ ଭୋଟର ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବଦ୍ରିନାରାୟଣ ଧଳ
ଭାଜପା ଜିଲ୍ଲା ସଭାପତି, ଭଦ୍ରକ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜନସାଧାରଣଙ୍କ ସହଯୋଗ କାମନା କରୁଛି।
ଅମିତ କୁମାର ବିଶ୍ୱାଳ
ଆଇ.ଆଇ.ସି.
ଭଣ୍ଡାରିପୋଖରୀ ଥାନା, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୫ତମ ବାର୍ଷିକ ଉତ୍ସବ ଅବସରରେ କୁରିଗାଁ ପଞ୍ଚାୟତର ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।
ଜୟନ୍ତୀ ବେହେରା
ସରପଞ୍ଚ
କୁରିଗାଁ, ଭଣ୍ଡାରିପୋଖରୀ, ଭଦ୍ରକ

ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଅଗଣିତ ଜନସାଧାରଣ ଓ ଭୋଟର ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ସୁବ୍ରତ କୁମାର ଦାସ (କାଳିଆ)
ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା, ଭଦ୍ରକ

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ଅଞ୍ଚଳର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଆସନ୍ତୁ, ମିଳିମିଶି ଗଛଟିଏ ଲଗାଇବା, ପରିବେଶକୁ ମୁକ୍ତ ରଖିବା।
ପ୍ରଶାନ୍ତ ଦାସ
ବନପାଳ, ଧାମନଗର, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ନଗୁଁଆ ଗ୍ରାମପଞ୍ଚାୟତର ଜନସାଧାରଣ ଓ ସମସ୍ତ ଭୋଟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
କମଳ କୁମାର ନନ୍ଦ
ସରପଞ୍ଚ
ନଗୁଁଆ ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ, ଭଦ୍ରକ

ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ୪୫ତମ ବାର୍ଷିକ ଉତ୍ସବ ଅବସରରେ ଭଣ୍ଡାରିପୋଖରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।
ଆସନ୍ତୁ, ଗଛଟିଏ ଲଗାଇବା। ପରିବେଶକୁ ମୁକ୍ତ ରଖିବା।
ପ୍ରକାଶ ଦାସ
ବନପାଳ
ଭଣ୍ଡାରିପୋଖରୀ, ଭଦ୍ରକ

ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ନିର୍ଗୁଣ୍ଡି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀମତୀ ନମିତା ପାତ୍ର
ସରପଞ୍ଚ,
ନିର୍ଗୁଣ୍ଡି ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ, ଭଦ୍ରକ

'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବର୍ୟାଁବନାପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ପ୍ରଶାନ୍ତ କୁମାର ସାହୁ
ସରପଞ୍ଚ
ବର୍ୟାଁବନାପୁର ଗ୍ରାମପଞ୍ଚାୟତ ତଥା
୨୩ ନଂ. ଜିଲ୍ଲା ପରିଷଦ ଜୋନ କଂଗ୍ରେସ ସଭାପତି,
ଭଣ୍ଡାରିପୋଖରୀ

ଅଗ୍ରଣୀ ନିରପେକ୍ଷ ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଦ୍ଧିଜୀବୀ, ଜନସାଧାରଣ ଶିକ୍ଷାବିତ୍ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଘଣ୍ଟ ଘୋଡ଼ଇ ରଖିଥା'ନ୍ତୁ।
ପ୍ରଫୁଲ୍ଲ ସାମଲ
ବିଧାୟକ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ
ଭଣ୍ଡାରିପୋଖରୀ, ଭଦ୍ରକ

## ସଂକ୍ଷେପରେ

### ବଳାତ୍କାର କରି ଯୁବକ ଗିରଫ

**ଢେଙ୍କିକୋଟ, ୨୭।୧୧(ଡି.ଏନ୍.ଏ.):** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଭୋଳବେଢ଼ା ପଞ୍ଚାୟତ ଭୋଳବେଢ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳର ହରିଶ୍ଚନ୍ଦ୍ର ବେହେରା(୨୭)। ଭୋଳବେଢ଼ା ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟ ଯୁବତୀଙ୍କୁ ବଳାତ୍କାର କରି ସେ ଗିରଫ ହୋଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ହରିଶ୍ଚନ୍ଦ୍ର ଯୁବତୀଙ୍କୁ ବଳାତ୍କାର କରି ୬ ମାସର ଅନ୍ତଃସତ୍ତ୍ୱା କରିଥିବା ନେଇ ଢେଙ୍କିକୋଟ ଫାଣ୍ଡିର ଭାରପ୍ରାପ୍ତ ଅଧିକାରୀ ପ୍ରୀତିରଞ୍ଜନ ପରିଡ଼ାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ଘଟଗାଁ ଥାନାରେ ଏକ ମାମଲା (ନଂ.୧୮୬/୧୮) ରୁଜୁ ହୋଇଛି।

### ସ୍ୱର ତରଙ୍ଗ ଅଡିଶନ ଆରମ୍ଭ

**ପାଟଣା,୨୭।୧୧(ସ୍ୱ.ପ୍ର.)**-ପାଟଣା ମୁଖ୍ୟାଳୟ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା ସଭାଗୃହରେରେ ଗୁରୁବାର ଘଟଗାଁ ସ୍ଥିତ ମା' ତାରିଣୀ ନୃତ୍ୟ ଶିକ୍ଷା କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ସ୍ୱର ତରଙ୍ଗ ଅଡିସନ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ୫୦ରୁ ଉର୍ଦ୍ଧ୍ୱ କଣ୍ଠଶିଳ୍ପୀ ଅଂଶ ଗ୍ରହଣ କରିଥିଲେ। ଖବରଦାତା ସଞ୍ଜୟ ସାହୁ ଓ ଶିକ୍ଷକ ପାର୍ଥସାରଥୀ ବେଜଙ୍କ ସଂଯୋଜନାରେ ଅତିଥି ଭାବେ ସ୍ଥାନୀୟ ମହାବିଦ୍ୟାଳୟ ଅଧକ୍ଷ ଶଙ୍କର୍ଷଣ ସାହୁ,ସାମାଜିକ କାର୍ମୀ ଅଜୟ କୁମାର ଦାଶ, ମା' ତାରିଣୀ ନୃତ୍ୟ ଶିକ୍ଷାଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟ ଗୁରୁ ସଞ୍ଜୟ କୁମାର ଦାଶ, ରରଜତ କୁମାର ଦାଶ, ସୁବର୍ଣ୍ଣ ପଲେଇ ଓ ପ୍ରଦୀପ କୁମାର ପ୍ରମୁଖ ଯୋଗ ଦେଇଥିଲେ। ପରବର୍ତ୍ତୀ ପ୍ରତିଯୋଗିତା ୨୯ନଭେମ୍ବର ହରିଚନ୍ଦନପୁର ଠାରେ ହେବାର ସ୍ଥିର ହୋଇଛି। ଅଡିସନର କୃତୀ କଣ୍ଠ ଶିଳ୍ପୀ ମାନେ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିଚାରକ ଭାବେ କଣ୍ଠ ଶିଳ୍ପୀ ଗାୟତ୍ରୀ ମାହେଶ୍ୱରୀ, ଲିପିନି ବେହେରା ଓ କାହ୍ନୁ ଚରଣ ବେହେରା କାର୍ଯ୍ୟ ତୁଲାଇଥିଲେ।

■ ହାତୀ ଉପଦ୍ରବ: ଉଜୁଡ଼ିଯାଉଛି ଫସଲ

# ବାଜି ପଡ଼ିଛି ଚାଷୀଙ୍କ ଜୀବନ

**କେନ୍ଦୁଝର, ୨୭।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଶତାଧିକ ଜଙ୍ଗଲ ତଳି ଗାଁରେ ହାତୀ ଉପଦ୍ରବ ଲାଗି ରହିଛି। ଚାଷଜମିରେ ପାଚିଲା ଧାନର ଆକର୍ଷଣ ହାତୀଙ୍କୁ କରୁଛି ଗାଁ ମୁହାଁ। ଏହି ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ହାତୀ ଦଳଦଳ ହୋଇ ଜଙ୍ଗଲ ତଳି ଇଲାକାରେ ପଶି ଫସଲ ଉଜାଡି ଦେଉଛନ୍ତି। ସେହିପରି କେନ୍ଦୁଝର ସଦର ରେଞ୍ଜ ଅଞ୍ଚଳରେ ହାତୀପଲ ଧାନ ଫସଲ ଉଜାଡି ଦେଉଛନ୍ତି। ରବିବାର ରାତିରେ ଫସଲ ଜଗିବାକୁ ଯାଇ ମଞ୍ଚା ଉପରେ ବସିଥିବା ବାଂଶପାଳ ବ୍ଲକ କଦମଡିହି ଗ୍ରାମର ବାବୁରାମ ମୁଣ୍ଡା (୫୫)ଙ୍କୁ ଏକ ଦନ୍ତାହାତୀ ଆକ୍ରମଣ କରି ମାରି ଦେଇଛି। ମଙ୍ଗଳବାର ମୃତଦେହ ଉଦ୍ଧାର କରି ବନ ବିଭାଗ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଫସଲ ଜଗିବାକୁ ତିଆରି ହୋଇଥିବା ମଞ୍ଚାକୁ ହାତୀ ଭାଙ୍ଗି ଦେଇଛି। କେବଳ ବଂଶପାଳ ନୁହେଁ ରହିଚନ୍ଦପୁର ବ୍ଲକର ଜଙ୍ଗଲ ତଳି ଇଲାକାରେ ଫସଲ ଜଗିବା ପାଇଁ ଚାଷୀମାନେ ଜୀବନକୁ ବାଜି ଲଗାଇ ମଞ୍ଚା ଉପରେ ରାତି କଟାଉଛନ୍ତି। ହାତୀପଲ ଧନଜୀବନ ହାହନୀ ଘଟାଉଥିଲେ ମଧ୍ୟ ବନ ବିଭାଗ ନିୟନ୍ତ୍ରଣ କରିପାରୁନାହିଁ। ହରିଚନ୍ଦପୁର ବ୍ଲକ ଅଧୀନ ଖରବା ଗ୍ରାମରେ ଚାଷୀମାନେ ଚାଷ ଜମି ନିକଟ ଗଛରେ ମଞ୍ଚା ବାନ୍ଧି ଫସଲ ଜଗି ରହୁଛନ୍ତି। ସେହିପରି ବାଂଶପାଳ ବ୍ଲକର ବିଭିନ୍ନ ଗ୍ରାମରେ ମଞ୍ଚାକୁ ଭରସା କରି ରାତି ଅନିଦ୍ରା ହୋଇ ହାତୀ ଘଉଡାଉଛନ୍ତି। ଜଙ୍ଗଲ ତଳି ଇଲାକାରେ ଶତାଧିକ ମଞ୍ଚା ରହିଥିବା ସୂଚନା ମିଳିଛି।


ଚାଷ ଜମି ଜଗିବା ପାଇଁ ଗଛରେ ତିଆରି ହୋଇଥିବା ମଞ୍ଚା।

ଉଲ୍ଲେଖନୀୟ ଯେ, କେନ୍ଦୁଝର ଜିଲା ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ କଦମଡିହି ଗ୍ରାମ ଓ ଏହା ଆଖପାଖରେ ଗତ ଏକସପ୍ତାହ ହେବ ହାତୀପଲ ସନ୍ଧ୍ୟା ହେଲେ ଗାଁ ମୁହାଁ ହୋଇ ଫସଲ ଉଜାଡି ଦେଉଛନ୍ତି। ପୋଡୁଚାଷ କରି ପରିବାର ଚଳାଇଆସୁଥିବା କଦମଡିହି ଗ୍ରାମ ବାବୁରାମ ରବିବାର ରାତିରେ କଦମଡିହର ବାବୁରାମ ଫସଲ ଜଗିବାକୁ ଯାଇ ମଞ୍ଚାରେ ଆଶ୍ରୟ ନେଇଥିବା ବେଳେ ଏକ ଦନ୍ତାହାତୀ ମଞ୍ଚାକୁ ଭାଙ୍ଗିଦେବାରୁ ସେ ତଳେ ପଡିଯାଇଥିଲେ। ପରେ ହାତୀ ତାଙ୍କୁ ଦଳି ମାରିଦେଇଥିଲା । ଘରକୁ ନ ଫେରିବାରୁ ପରିବାର ଲୋକେ ସୋମବାରେ ସକାଳେ ଖୋଜାଖୋଜି କରି ମଞ୍ଚା ନିକଟରୁ ମୃତଦେହ ପାଇଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ କେଉଁ ଇଲାକାରେ ହାତୀ ଆକ୍ରମଣ ଘଟିଛି ତାହା ଜଣା ନ ପଡ଼ିବାରୁ ଅଡୁଆ ସୃଷ୍ଟି ହୋଇଥିଲା। ମୃତଦେହ ପଡିଥିବା ସ୍ଥାନ ସୀମାନ୍ତ ବର୍ତ୍ତୀ ସୁନ୍ଦରଗଡର ନା କେନ୍ଦୁଝର ଜିଲାରେ ଚିହ୍ନଟ ହେବାରେ ବିଳମ୍ବ ଘଟିଥିଲା। ଶେଷରେ ଏହା କେନ୍ଦୁଝର ଜିଲାର ବୋଲି ଜଣାପଡ଼ିବାରୁ ବନ ବିଭାଗ ମୃତଦେହକୁ ବ୍ୟବଚ୍ଛେଦ କେନ୍ଦୁଝର ଜିଲା ଡାକ୍ତରଖାନା ପଠାଇଥିଲା। ବର୍ତ୍ତମାନ ପ୍ରବଳ ଶୀତ ସତ୍ତ୍ୱେ ଚାଷୀମାନେ ଗଛ ଉପରେ ମଞ୍ଚା ବାନ୍ଧି ଅସୁରକ୍ଷିତ ଅବସ୍ଥାରେ ଫସଲ ଜଗାରଖା କରୁଥିବା ବେଳେ ବନ ବିଭାଗ ହାତୀ ଘଉଡାଇବାରେ ତତ୍ପରତା ପ୍ରକାଶ କରୁନ ଥିବା ଗ୍ରାମବାସୀ କହିଛନ୍ତି। ହରିଚନ୍ଦନପୁର ବ୍ଲକ ଖରବା ଗ୍ରାମର ଚାଷୀ ଅକ୍ଷୟ ଜୁଆଙ୍ଗ, କଳା ଜୁଆଙ୍ଗ, ହଳଧର ଜୁଆଙ୍ଗ, ଅନ୍ତ ଜୁଆଙ୍ଗ, ଧୀର ଜୁଆଙ୍ଗ, କୈଳାସ ଜୁଆଙ୍ଗଙ୍କର ବହୁ ପରିମାଣରେ ପାଚିଲା ଧାନ ଜମି ନଷ୍ଟ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ମିଳୁ ନ ଥିବା ସେମାନେ ଦର୍ଶାଇଛନ୍ତି।

■ ନିର୍ବାଚନ ଲାଗି ଅଣ୍ଟା ଭିଡ଼ିଲେଣି ନେତା

# ନୂଆ ମୁହଁ ଖୋଜୁଛନ୍ତି ଜନତା

**ହାଟଡିହୀ, ୨୭।୧୧(ଡି.ଏନ.ଏ.)**

ନିର୍ବାଚନ ସମୟ ପାଖେଇ ଆସୁଥିବା ବିଭିନ୍ନ ଦଳରେ ରାଜନୈତିକ ଅଙ୍କକଷା ଜୋର ଧରିଛି। ନିର୍ବାଚନରେ ପାର୍ଥୀ ହେବା ପାଇଁ ଆଶାୟୀ ଅଣ୍ଟା ଭିଡିଲେଣି। ବିଭିନ୍ନ ରାଜନୈତିକ ଦଳରେ ତତ୍ପରତା ଦେଖା ଦେଲାଣି। ଗାଁରେ ସଭା, ସମିତି ଆରମ୍ଭ ହେଲାଣି। ଭୋଟ ହାତେଇବା ରଣନୀତି ଚାଲିଛି। ନୂଆ ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିବା ନେତା ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କୁ ଭେଟୁଛନ୍ତି। ଏପରିକି ବିଭିନ୍ନ ଅଞ୍ଚଳରେ ରାଜନୈତିକ ଉଷ୍ମତା ବାରି ହୋଇପଡୁଛି। ରାଜନୈତିକ ଦଳ ମଧ୍ୟରେ ନିଜର ପତିଆରା ବିସ୍ତାର ପାଇଁ ପ୍ରୟାସ ଆରମ୍ଭ ହୋଇଗଲାଣି।

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳର କେତେକ ନେତା ଭୋଟ ହାତେଇବା ପାଇଁ ଲୋକଙ୍କୁ ଲୋଭାଗ୍ରସ୍ତ କରୁଛନ୍ତି। ମାତ୍ର ଲୋକେ ନୂଆ ନେତାଙ୍କ ମୁହଁ ଖୋଜୁଥିବା ଆଲୋଚନା ହେଉଛି। କେତେକ ନେତାଙ୍କ କାର୍ଯ୍ୟଧାରକୁ ନେଇ ଲୋକେ ସମର୍ଥନ ଦେବାକୁ ବିମୁଖ ହେଉଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ଆଶାନୁରୂପ ଭାବେ ହୋଇ ନ ଥିବା କୁହାଯାଉଛି। ବିଧାୟକ ପ୍ରାର୍ଥୀ ହେବା ପାଇଁ ଏକାଧିକ ନେତା ଜୋରଦାର ପ୍ରୟାସ ଆରମ୍ଭ କଲେଣି ବୋଲି ଚର୍ଚ୍ଚା ହେଉଛି।

# ୯ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ


ପ୍ରଦର୍ଶିତ ପ୍ରକଳ୍ପ ଗୁଡିକୁ ଦେଖିଛନ୍ତି ଅତିଥି।

**ଝୁମ୍ପୁରା, ୨୭।୧୧(ଡି.ଏନ.ଏ.):** ଝୁମ୍ପୁରା ଉଚ୍ଚବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଏକ ଦିବସୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଝୁମ୍ପୁରା ବ୍ଲକ ବିଆରସି କମଳଲୋଚନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପିନାଥ ମହାକୁଡ଼, ପ୍ରଧାନ ଶିକ୍ଷକ ପର୍ଶୁରାମ ବାରିକ ଓ ଦୟାନିଧି ମହାନ୍ତ, ଏବିଇଓ ବିଜୟାନନ୍ଦ ବେହେରା ଯୋଗଦେଇ ବିଜ୍ଞାନ ମେଳା ଆୟୋଜନର ଲକ୍ଷ ବିଷୟରେ ବକ୍ତବ୍ୟ ରଖିଥିଲେ। ମୋଟ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ୨୨ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ସଙ୍ଖେଭ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଲୋଚନ ମହାନ୍ତ, ପଞ୍ଚାୟତ ସମିତି ମହାବିଦ୍ୟାଳୟର କେଶବ ମହାନ୍ତ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ସର୍ବଶ୍ରେଷ୍ଠ ବିବେଚିତ ୯ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଛି।

# ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

**ପାଟଣା, ୨୭।୧୧(ସ୍ୱ.ପ୍ର.)**

ପାଟଣା ବ୍ଲକ ଡୁରୁମୁଙ୍ଗାସ୍ଥିତ ଦଧିବମାନ ଉଚ୍ଚ ମାଧମିକ ମହାବିଦ୍ୟାଳୟର ଅଷ୍ଟାଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମଙ୍ଗଳବାର ପୁରସ୍କାର ବିତରଣ ସଭା ମହାବିଦ୍ୟାଳୟର ଅଧକ୍ଷ ଶରତଚନ୍ଦ୍ର ମହାନ୍ତଙ୍କ ଅଧକ୍ଷତାରେ ହୋଇଥିଲା। ମୁଖ୍ୟ ଅତିଥି ରୂପେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବାଳିକା ବିଭାଗର ଚାମ୍ପିୟନ ଲକ୍ଷ୍ମୀପ୍ରିୟା ମହାନ୍ତ ଓ ବାଳକ ବିଭାଗର ଗାଙ୍ଗୁଲି ନାଏକଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉତ୍ତମ ସ୍ୱେଚ୍ଛାସେବୀ ଭାବେ ବର୍ଷାରାଣୀ ନାଏକ, ତପନ କୁମାର ସିଂ ନୃତ୍ୟ ପାଇଁ ସଞ୍ଜୁଲତା ମହାନ୍ତ ଓ ସୋନାଲି ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ସଂସଦ ଉପଦେଷ୍ଟା ପ୍ରାଧାପକ ଅଶ୍ୱସ୍ଥମା ଗିରୀ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମକୁ ଡେମୋଷ୍ଟ୍ରେଟର ସୁଧାଂଶୁଶେଖର ସାହୁ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଶୀଲ ପ୍ରଧାନ, ରମେଶ ଚନ୍ଦ୍ରସାହୁ ଓ ରାଜେନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ଅତିଥି ହେବେ ରାଜ୍ୟପାଳ

**କେନ୍ଦୁଝର, ୨୭।୧୧(ସ୍ୱ.ପ୍ର.)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡକୁ ୩୦ ତାରିଖରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆସୁଛନ୍ତି। କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟ ପରିସର ମଧ୍ୟରେ ସ୍ଥାପନ ହୋଇଥିବା ଏକ ମୂର୍ତ୍ତିକୁ ଉଦଘାଟନ କରିବା ସହ ଛାତ୍ରୀଛାତ୍ର ତଥା ବିଦ୍ୟାଳୟ ପରିବାର ସଦସ୍ୟମାନଙ୍କ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମର ରହିଛି ବୋଲି ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଓ ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ପ୍ରକାଶ କରିଛନ୍ତି।

## ବିଜ୍ଞାନ ମେଳାରେ ୫୨ ପ୍ରକଳ୍ପ ପ୍ରଦର୍ଶିତ

**ପାଟଣା,୨୭।୧୧(ସ୍ୱ.ପ୍ର.)**

ପାଟଣା ବ୍ଲକ ସ୍ତରୀୟ ବିଜ୍ଞାନମେଳା ସୋମବାର ପୂର୍ବାହ୍ନ ଅଙ୍ଗିକଳାସ୍ଥିତ ଏବିସିଡ଼ିଆର ୟୁନାଇଟେଡ ଜ୍ଞାନମନ୍ଦିର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ ଓ ଗୋଷ୍ଠୀ ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ ଶୁଭାରମ୍ଭ କରିଥିଲେ। ମୋଟ ୫୨ଟି ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୯ଟି ନିର୍ବାଚିତ ପ୍ରକଳ୍ପ ଜିଲାସ୍ତର ବଜ୍ଞାନମେଳାକୁ ମୋନାନୀତ ହୋଇଛି। ୯ଟି ନିର୍ବାଚିତ ପ୍ରକଳ୍ପ ମଧ୍ୟରୁ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ୩ଟି ଓ ଉଚ୍ଚବିଦ୍ୟାଳୟରୁ ୬ଟି ପ୍ରକଳ୍ପ ମନୋନୀତ ହୋଇଛି। ଉଚ୍ଚବିଦ୍ୟାଳୟ ସ୍ତରରୁ ପ୍ରଥମ ସ୍ଥାନରେ ଜନତା ବିଦ୍ୟାଳୟ ମଲ୍ଲିପଶିର ଛାତ୍ର ସତ୍ୟଜିତ ମହାନ୍ତ ରହିଥିବାବେଳେ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ପ୍ରଥମ ସ୍ଥାନରେ ଚାକୁଣ୍ଡାପାଳ ନୋଡାଲ ସ୍କୁଲର ଶୁଭମ ନାଏକ ରହିଛନ୍ତି। ବିଚାରକ ଭାବେ ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ଅଧାପକ ରାଜେନ୍ଦ୍ର ମହାନ୍ତ ଓ ଅବସର ପ୍ରାପ୍ତ ଶିକ୍ଷକ ଭାଗିରଥୀ ଗିରୀ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମ କୁ ଶିକ୍ଷକ ପାର୍ଥସରଥୀ ବେଜ ସଂଯୋଜନା କରିଥିଲେ।


ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ

୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର

| | |
|---|---|
| ଉଦ୍‌ଘାଟକ | ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ<br>ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ' |
| ସମ୍ମାନନୀୟ ଅତିଥି | ଡକ୍ଟର ବିଜୟାନନ୍ଦ ସିଂହ<br>କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ |
| ମୁଖ୍ୟବକ୍ତା | ଅଧ୍ୟାପକ ବିଶ୍ୱରଞ୍ଜନ<br>ବିଶିଷ୍ଟ ସାହିତ୍ୟିକ |
| ସଭାମୁଖ୍ୟ | ଶ୍ରୀ ହରିହର ମିଶ୍ର<br>ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ |

ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।

ଜୟନ୍ତୀ ରଥ
ସଚିବ


# ଆତ୍ମସୁରକ୍ଷା ନେଇ ପ୍ରଶିକ୍ଷଣ



ଶିବିରରେ ଯୋଗ ଦେଇଥିବା ଅତିଥି।

**ହାଟଡିହୀ, ୨୭।୧୧**

ହାଟଡିହୀ ବ୍ଲକ ଅନ୍ତର୍ଗତ ଛେନାପଦୀ ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟଠାରେ ମହିଳା ଅତ୍ମସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ହଟଡିହୀ ବ୍ଲକ ଅଧକ୍ଷା ସଞ୍ଜୁ ଲତା ବିଶ୍ୱାଳ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ସବିତା ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅଧାପକ ନଦିଆ ମୋହନ ପଟ୍ଟନାୟକ ଯୋଗଦେଇ ଆତ୍ମ ସୁରକ୍ଷା ନେଇ ଆବଶ୍ୟକୀୟ କୌଶଳ ସମ୍ପର୍କରେ ଉପସ୍ଥିତ ଛାତ୍ରୀଙ୍କୁ ସୂଚନା ଦେଇଥିଲେ। ପ୍ରଧାପିକା ଉଷାରାଣୀ ଦାଶ, ମମତା ବିଶୋଇ, ସୁକାନ୍ତୀ ମହାପାତ୍ର, ରାଜଶ୍ରୀ ଗୋସ୍ୱାମୀ, ଅଧାପକ ରବୀନ୍ଦ୍ର କୁମାର ଜେନା, ହିମାଂସୁ ମିଶ୍ର, କ୍ରୀଡା ଅଧାପିକା ସୁରଭି ଦାସ ମଞ୍ଚାସୀନ ଥିଲେ। ଆରତୀ ମଜୁମଦାର, ରାମ ଚନ୍ଦ୍ର ବେହେରା, ଅନାଦୀ ଜେନା ଓ ଦେବେନ୍ଦ୍ର ସା ପରିଚାଳନାରେ ସହଯୋଗ କରିଥିଲେ।

# ୪ରୁ ଆନନ୍ଦପୁର ମହୋତ୍ସବ

**ଆନନ୍ଦପୁର,୨୭।୧୧(ସ୍ୱ.ପ୍ର.)**

ଐତିହ୍ୟ ଓ ସଂସ୍କୃତିର ପ୍ରତୀକ ଆନନ୍ଦପୁର ମହୋତ୍ସବ ଜାନୁଆରୀ ୪ରୁ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ମଙ୍ଗଳବାର ଆନନ୍ଦପୁର ପୌରପରିଷଦ କଲ୍ୟାଣ ମଣ୍ଡପ ପରିସରରେ ଏକ ବୈଠକ ହୋଇଥିଲା। ଆନନ୍ଦପୁର ଉପଜିଲାପାଳ ତଥା ମହୋତ୍ସବ କମିଟିର ସଭାପତି ରବୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମହୋତ୍ସବ କମିଟି ଉପାଧକ୍ଷ ଏସଡିପିଓ ଦିଲ୍ଲୀପ କୁମାର ବାଗ୍, ଆନନ୍ଦପୁର ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀ, ସ୍ଥାନୀୟ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ, ତହସିଲଦାର ତପନ ନାୟକ, ସାଇଁକୁଳ ପତିତ ପାବନ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଆଲୋଚନା ହୋଇଥିଲା।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

ମହୋତ୍ସବ ଦୀର୍ଘ ୬ ଦିନ ଧରି ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ମହୋତ୍ସବ ଉପଲକ୍ଷେ ପ୍ରକାଶ ପାଇବାକୁଥିବା ମୁଖ ପତ୍ର ଅଳସୀ ପାଇଁ ଆନନ୍ଦପୁରର ଐତିହ୍ୟ ଓ ସଂସ୍କୃତି ସମ୍ପର୍ଣ୍ଣ ଲେଖା ଡେସେମ୍ବର ୧୫ ତାରିଖ ସୁଦ୍ଧା ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ କୁହାଯାଇଥିଲା। କାର୍ଯ୍ୟକ୍ରମକୁ ଆନନ୍ଦପୁର ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ବିଚିତ୍ରା ନନ୍ଦ ନାୟକ ଓ କର୍ମଚାରୀ ପରିଚାଳନା କରିଥିଲେ। ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


OFFICE OF THE PRINCIPAL
S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI
L. No.: 2528/2018 Dt.: 26.11.2018
QUOTATION CALL NOTICE
Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.
Detail information including term and conditions for applying are available in the College website: **skcgparala.ac.in**. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.
Sd./- Principal

Shuttle Smashers 8 & 9 December 2018
Ensuring Complete Transformation
Shuttle Smashers — Corporate League 9 December 2018
ASTHA
School of Management
Approved by AICTE, Govt. of India & Affiliated to BPUT, Odisha
261, Panchamukhi Vihar, Atala, Balianta, Bhubaneswar-752101
Phone No. 0674- 2474138, www.asthaeducation.in
Among Top 20 B-Schools in Eastern India
Best B-School in Campus Recruitment
Business School of the Year: East
MBA
(2 Years Full Time Program)


ଆନନ୍ଦର ନୂଆ ଶିଖରକୁ ଛୁଅନ୍ତୁ ...
ମାଲିସ୍ କଣ ଅଟେ?
ଏହା ପ୍ରାଚୀନ ସମୟରୁ ଚାଲି ଆସୁଥିବା ଚାପ ଦୂର କରିବା ପାଇଁ, ଆରାମ ପ୍ରଦାନ କରିବା ଏବଂ ଶାରିରୀକ ପ୍ରଣାଳୀର ସୁଧାରରେ ସହାୟକ ଲୋକପ୍ରିୟ ବୈଜ୍ଞାନିକ ସ୍ୱାସ୍ଥ୍ୟବର୍ଦ୍ଧକ ପ୍ରକ୍ରିୟା ଅଟେ।
ଷ୍ଟେ-ଅନ୍‌ର ପାୱାର ତେଲ କଣ ଅଟେ?
ଏହା ମାଲିସ୍‌ର ପ୍ରକ୍ରିୟାକୁ ଆହୁରି ଅଧିକ ଫଳପ୍ରଦ କରୁଥିବା ତେଲରେ କଲୌଞ୍ଜି, ଗୋଖରୁ, ଅଶ୍ୱଗନ୍ଧା ତଥା ୨ ଟି ଆୟୁର୍ବେଦିକ ମିଶ୍ରିତ ଔଷଧ ଅଟେ।
ଷ୍ଟେ-ଅନ୍‌ର ପାୱାର ତେଲ ଦ୍ୱାରା ମାଲିସ୍ କିପରି କରିବେ ?
ସର୍ବପ୍ରଥମେ ଶରୀରର ସେହି ଅଂଶକୁ ଉଷୁମ ପାଣି ଦ୍ୱାରା ଧୋଇ ଦିଅନ୍ତୁ। ଏହାପରେ ଷ୍ଟେ-ଅନ୍‌ର ତେଲର କିଛି ବୁନ୍ଦାକୁ ପାପୁଲିରେ ନେଇ ହାଲୁକା ହାତରେ ମୂଳକୁ ଛାଡ଼ି ଉପଯୁକ୍ତ ଅଂଶର ମାଲିସ୍ କରନ୍ତୁ। ଉତ୍କୃଷ୍ଟ ପରିଣାମ ପାଇଁ ନିୟମିତ ଶୋଇବା ପୂର୍ବରୁ ଏହାର ବ୍ୟବହାର କରନ୍ତୁ ଓ ଆରାମର ଏକ ଅତୁଳନୀୟ ଅନୁଭବ ପାଆନ୍ତୁ।
କେବଳ ପୁରୁଷଙ୍କ ପାଇଁ


ଷ୍ଟେ-ଅନ୍® ପାୱାର ଅଏଲ୍
Helpline : 022-23423155
ଷ୍ଟେ-ଅନ୍ : କ୍ୟାପ୍‌ସୁଲ୍, ଓରାଲ୍ ଲିକ୍ୟୁଇଡ୍, ସ୍ପ୍ରେ ପ୍ୟାକ୍ ମଧ୍ୟ କେମିଷ୍ଟରେ ଉପଲବ୍ଧ ଅଟେ।

V-GUARD
We congratulate Dharitri for it's 45th Birth Anniversary
Your trusted brand
V-GUARD launches now

Air Cooler and Mixer Grinder
Dealer and Distributor required
Location: Angul, Rourkela, Bhubaneswar, Cuttack and Puri
Contact: 7873611951, 9937119434, 9937038335
Address: V-Guard Industries Ltd. Branch Office: 3rd Floor, Gitanjali Complex, Lewis Road, Bhubaneswar - 751 002, Tel.: +91 674 2431130, 9692987878

